# Asian School of Business Management

**NEW PAPER:** The Dharitri

**DATE:** 02.07.2018

**PAGE:** 12

## ଏଏସ୍‌ବିଏମ୍‌ରେ ଫାକଲ୍‌ଟି ଡେଭ୍‌ଲପ୍‌ମେଣ୍ଟ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମ ଅବସରରେ ଏଏସ୍‌ବିଏମ୍ ନିର୍ଦ୍ଦେଶକ ବିଶ୍ୱଜିତ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ।

**ଭୁବନେଶ୍ୱର,୧।୭**

ଏସିଆନ୍ ସ୍କୁଲ୍ ଅଫ୍ ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟ(ଏଏସ୍‌ବିଏମ୍) ପକ୍ଷରୁ ସାତ ଦିନିଆ ଫାକଲ୍‌ଟି ଡେଭ୍‌ଲପ୍‌ମେଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ଉପସଭାପତି ପ୍ରଫେସର ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡାଟା ସାଇନ୍ସ, ସୋସିଆଲ୍ ସାଇନ୍ସ, ବାୟୋ ସାଇନ୍‌ସ ସମ୍ବନ୍ଧୀୟ ଗବେଷଣାତତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଚିରାଚରିତ ପ୍ରଥାକୁ ବାଦ୍ ଦେଇ ସମାଜର ଉନ୍ନତି ଦିଗରେ ଗବେଷଣା କରିବା ପାଇଁ ସେ ଅଂଶଗ୍ରହଣକାରୀଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶକ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରି କହିଥିଲେ, ଗବେଷଣା ପାଇଁ ଉତ୍ତମ ପରିବେଶ ସୃଷ୍ଟି କରିବା ବର୍ତ୍ତମାନ ବିଶ୍ୱବିଦ୍ୟାଳୟଗୁଡ଼ିକ ସମ୍ମୁଖରେ ଏକ ଆହ୍ୱାନ ପାଲଟିଛି। କାର୍ଯ୍ୟକ୍ରମର ଉଦ୍‌ଯାପନୀ ଅବସରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର କିଶୋର କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ପଦ୍ମନାଭ ମହାପାତ୍ର ଓ ଉପସଂଯୋଜକ ପ୍ରଫେସର ଚନ୍ଦ୍ର ଦାଶ ଏହାକୁ ପରିଚାଳନା କରିଥିଲେ। ପ୍ରଫେସର ମୀନକେତନ ଷଡଙ୍ଗୀ, ଭକ୍ତବନ୍ଧୁ ଦାସ ଏବଂ ମନ୍ମଥ ନାଥ ସାମନ୍ତରାୟ ଶିକ୍ଷାଦାନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର କଲ୍ୟାଣ ଶଙ୍କର ରାୟ, ଆସୋସିଏଟ୍ ପ୍ରଫେସର ଫଲଗୁ ନିରଞ୍ଜନା ପ୍ରମୁଖ ଯୋଗ ଦେଇଥିଲେ।